# Akashvani, Sambalpur

## SAMBALPURI NEWS EVENING BULLETIN

**03 October 2025- 7.02 pm- 7.12 pm.**

***********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ମାସିକ୍ ରେଡ଼ିଓ କାର୍ଯ୍ୟକ୍ରମ୍ 'ମନ୍ କି ବାତ୍'କେ ଆଏଜ୍ ପୁର୍‌ଲା ୧୧ ବଛର୍ ।

୨- ରାଏଜେ ଆଦିକର୍ମଯୋଗୀ ଅଭିଯାନ୍‌ର ଗ୍ରାମସଭା ମାନ୍‌କେ ୫ ହଜାର୍ ୫ ଶହ ନୁ ଅଏତ୍‌କା ଗ୍ରାମ କାର୍ଯ୍ୟ ଯୋଜ୍‌ନାକେ ମିଲିଛେ ଅନୁମୋଦନ୍ ।

୩- ପିଞ୍ଜ୍‌ରା ଭିତ୍‌ରେ ମାଛ୍ ଚାଷ୍ ପଦ୍ଧତି ହୀରାକୁଦ୍ ନ ବହୁତ୍‌ଟେ ସମ୍ଭାବନାକେ ବାସ୍ତବ୍ ରୂପ୍ ଦେବା - କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୪- ଗାଁ ନୁ ସହର୍‌ତକ୍ ମା' ଦୁର୍ଗାଙ୍କର୍ ମୃଣ୍ମୟୀ ମୂର୍ତିର କରାଯାଉଛେ ବିସର୍ଜନ ।

ଆଉର୍

୫- ଲଘୁଚାପ୍ ବର୍ଷା ହେଲେ ଭିଲ୍ ରାଏଜେ ବନ୍ୟା ଡର୍ ନାଇଁନ - କହେଲେ ଜଲ୍‌ସମ୍ପଦ୍ ବିଭାଗ୍ ସର୍ବୋଚ୍ଚ ଯନ୍ତ୍ରୀ ।

ମନ୍ କି ବାତ୍ - ୧୧ ବଛର୍ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ମାସିକ୍ ରେଡ଼ିଓ କାର୍ଯ୍ୟକ୍ରମ୍ ମନ୍ କି ବାତ୍‌କେ ଆଏଜ୍ ୧୧ ବଛର୍ ପୁରିଛେ । ୨୦୧୪ ମସିହା ଆଝିରର୍ ଦିନେ ମନ୍ କି ବାତ୍ ର ପହେଲା ସଂସ୍କରଣ୍ ଆକାଶ୍‌ବାଣୀ ତର୍‌ଫୁ ପ୍ରସାରଣ୍ କରାଯାଇଥିଲା । ଗଲା ୨୮ ତାରିଖ୍ ଦିନ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶହେ ୨୬ ନମ୍ବର୍ ସଂସ୍କରଣ୍‌ଥି ଦେଶ୍‌ବାସୀଙ୍କୁ ସମ୍ବୋଧିତ୍ କରିଥିଲେ । ଇତାର୍ ଭିତ୍‌ରେ ମନ୍ କି ବାତ୍ ଖାଲି ଗୁଟେ ରେଡ଼ିଓ କାର୍ଯ୍ୟକ୍ରମ୍ ହେଇକରି ନାଇଁ ରହି । ଇଟା ସାଂସ୍କୃତିକ୍ ଆଉ ସାମାଜିକ୍ ବିଚାର୍‌ଧାରାର୍ ଉନ୍ନତ୍ ସଂସ୍କରଣ୍ ହେଇକରି ଦେଶର୍ ଫି' ଇଲାକାକେ ପୁହୁଁଚିପାରିଛେ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଲା ୧୧ ବଛର୍ ଭିତ୍‌ରେ ଇ କାର୍ଯ୍ୟକ୍ରମ୍ ଜରିଏ ସାମାଜିକ୍, ସାଂସ୍କୃତିକ୍, ପରିବେଶ୍ ବାବଦ୍ ଭିନ୍ ଭିନ୍ ଘଟ୍‌ନା ଉପ୍‌ରେ ଆଲୋଚନା କରିଛନ୍ । ଇ କାର୍ଯ୍ୟକ୍ରମ୍ ପ୍ରଧାନ୍‌ମନ୍ତ୍ରୀ ଆଉ ଦେଶର୍ ସାଧାରଣ୍ ଲୁକ୍‌କର୍ ଭିତ୍‌ରେ ଭାବର୍ ଆଦାନ୍ ପ୍ରଦାନ୍‌ର ଗୁଟେ ଗୁରୁତ୍ୱପୂର୍ଣ୍ଣ ଜରିଆ ପାଲ୍‌ଟିଛେ ।

ଆଦିକର୍ମଯୋଗୀ ଅଭିଯାନ୍ I&PR

ଗାନ୍ଧୀ ଜୟନ୍ତୀ ଅବ୍‌ସରେ ଗଲାକାଏଲ୍ ସାରା ରାଏଜେ ଆଦିକର୍ମଯୋଗୀ ଅଭିଯାନ୍‌ଥି ହେଇଥିବା ସ୍ୱତନ୍ତ୍ର ଗ୍ରାମସଭା ନ ୫ ହଜାର୍ ୫ ଶହ ନୁ ଅଏତ୍‌କା ଗ୍ରାମ କାର୍ଯ୍ୟଯୋଜ୍‌ନା ଅନୁମୋଦନ୍ କରାଯାଇଛେ । ଇଟା ଆଦିବାସୀ ଇଲାକା ନ ଅନ୍ତର୍ଭୁକ୍ତିକରଣ୍, ଭାଗିଦାରୀ ଆଉ ଉତର୍‌ଦାୟିତ୍ୱ ଶାସନ୍ ମିଶନ୍‌ର ଦୃଷ୍ଟିକୋଣକେ ଆହୁରି ବର୍‌କସ୍ କରିପାର୍‌ବା ବଲି ଆଶା କରାଯାଉଛେ । ସୂଚ୍‌ନା ଅନ୍‌ସାରେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱଥି ଜନଜାତି ବ୍ୟାପାର୍ ମନ୍ତ୍ରଣାଲୟ ତର୍‌ଫୁ ଆଦିକର୍ମଯୋଗୀ ଅଭିଯାନ୍ ମୁଲ୍ ହେଇଛେ । ଇଟା ଧର୍‌ତୀ ଆବା ଜନଜାତୀୟ ଉହର୍ଷ ଅଭିଯାନ୍‌ର ଗୁଟେ ଭାଗ୍ ଆଏ । ଅଭିଯାନ୍‌ଥି ଓଡ଼ିଶାର୍ ୨୨ ଟା ଜିଲ୍ଲାର୍ ୨ ଶହ ୧୩ ଟା ବ୍ଲକ୍‌ର ୭ ହଜାର୍ ୬ ଶହ ୨୩ ଟା ଗାଁ ସାମିଲ୍ ହେଇଛନ୍ । ଇତାର୍ ସଫଲ୍ ରୂପାୟନ୍ ଲାଗି ୧ ଲାଖ୍ ଆଦି ସାଥୀ ଆର୍ ୩୦ ହଜାର୍ ଆଦି ସହଯୋଗୀଙ୍କୁ ଭିଲ୍ ଜୁଡ଼ାଯାଇଛେ । ଇଥିର୍‌ଲାଗି ରାଜ୍ୟର୍ ସବୁ ଜିଲ୍ଲାନୁ ୫୦ ନୁ ଅଏତ୍‌କା ସିଭିଲ୍ ସୋସାଇଟି ଅର୍ଗାନାଇଜେସନ୍‌କେ ଭିଲ୍ ସହଭାଗୀ କରାଯାଇଛେ । ବଛାଯାଇଥିବା ଗାଁମାନ୍‌କେ ଆଦିସେବାକେନ୍ଦ୍ର ଥାପ୍‌ନା କରାଯିବା । ଇତାର୍ ଜରିଏ ଇଲାକାର୍ ଲୁକ୍‌କୁ ଭିନ୍ ଭିନ୍ ସେବା ଯୁଗେଇ ଦିଆଯିବା ।

ପିଞ୍ଜରା ଭିତ୍‌ରେ ମାଛ୍ ଚାଷ୍ ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ପିଞ୍ଜ୍‌ରା ଭିତ୍‌ରେ ମାଛ୍ ଚାଷ୍ ପଦ୍ଧତି ବହୁତ୍‌ଟେ ସମ୍ଭାବନାକେ ବାସ୍ତବ୍ ରୂପ୍ ଦେବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ପିଞ୍ଜ୍‌ରା ଭିତ୍‌ରେ ମାଛ୍ ଚାଷ୍ ଲାଗି ଆଏଜ୍ ସାଧାରଣ୍ ସୁବିଧା କେନ୍ଦ୍ର ଉଦ୍‌ଘାଟନ୍ କରିକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ଇ ବ୍ୟବସ୍ଥା ଓଡ଼ିଶାର୍ ମାଛ୍ ଚାଷ୍ ଉତ୍ପାଦନ୍‌ଥି ନୂଆଁ ଅଧ୍ୟାୟ ଜୁଡ଼୍‌ବା । ସମ୍ବଲ୍‌ପୁର୍ ଇଲାକା ନ ଇହାଦେ ୫ ଶହ କୋଟି ଟଙ୍କାର୍ ମାଛ୍ ଉତ୍ପାଦନ୍ ହେଉଛେ । ଆଗ୍‌କେ ଇଟା ଆହୁରି ବଢ଼ାଯିବା । ଇଥିର୍‌ଲାଗି ମାଛ୍ ଚାଷ୍ ଆଉ ମାଛ୍ ମଞ୍ଜି ଉତ୍ପାଦନ୍‌କେ ତ୍ୱରିତି କର୍‌ବାର୍ ଲାଗି ସମ୍ବଲ୍‌ପୁର୍ ପାଖର୍ ବସନ୍ତ୍‌ପୁର୍ ଠାନେ ଆଧୁନିକ୍ ମାଛ୍ ଚାଷ୍ ତାଲିମ୍ କେନ୍ଦ୍ର ଥାପ୍‌ନା କରାଯିବା ବଲି ଶ୍ରୀ ପ୍ରଧାନ୍ କହିଛନ୍ । ଇ ଅବ୍‌ସରେ ରାଜ୍ୟ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିଭାଗ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍, ଇହାଦେ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ୩୭ ଟା ପିଞ୍ଜ୍‌ରାଥି ମାଛ୍ ଚାଷ୍ କରାଯାଉଛେ । ସର୍‌କାରୀସ୍ତର୍‌ଥି ସମ୍ବଲ୍‌ପୁର୍ ଜିଲ୍ଲାନୁ ମାଛ୍ ଚାଷ୍‌ଥି ବଛର୍‌କ ୧ ହଜାର୍ କୋଟି ଟଙ୍କା ଆୟ ଲକ୍ଷ୍ୟ ରଖାଯାଇଛେ ବଲି ମନ୍ତ୍ରୀ କହିଛନ୍ । ଉଦ୍‌ଘାଟନୀ ସମାରୋହଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ ଭିଲ୍ ଉପସ୍ଥିତ୍ ଥିଲେ ।

ବସ୍‌ଷ୍ଟାଣ୍ଡ୍ ଭିଡିପ୍ରସ୍ତର ସୁବର୍ଣ୍ଣପୁର୍ ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ସୁବର୍ଣ୍ଣପୁର୍ ଠାନେ ନୂଆଁ ବସ୍ଷ୍ଟାଣ୍ଡ୍ ନିର୍ମାଣ୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍ନା କରିଛନ୍ । ୩ ଏକଡ଼୍ ଜାଗାଥି ତିଆର୍ ହେବାର୍କେ ଥିବା ଇ ଅତ୍ୟାଧୁନିକ୍ ବସ୍ଷ୍ଟାଣ୍ଡ୍ ଲାଗି ୫୮ କୋଟି ୩୬ ଲାଖ୍ ଟଙ୍କା ଖର୍ଚ୍ଚା କରାଯିବା । ବସ୍ଷ୍ଟାଣ୍ଡ୍ ତିଆର୍ ହେଲେ ଜିଲ୍ଲାବାସୀଙ୍କର୍ ବହୁତ୍ ଦିନର୍ ଆବଶ୍ୟକତା ପୂରଣ୍ ହେବା ବଲି ଇ ଅବ୍ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ଶିଲାନ୍ୟାସ୍ ଉତ୍ସବ୍ଥି ବଲାଙ୍ଗିର୍ ସାଂସଦ୍ ସଂଗୀତା କୁମାରୀ ସିଂହଦେଓ, ଜିଲ୍ଲାପାଲ୍ ନୃପରାଜ୍ ସାହୁଙ୍କର୍ ସହେତେ ପୌରାଧ୍ୟକ୍ଷା ତାମସୀ ତମସ୍ମିତା ନାଏକ୍, ଆରକ୍ଷୀ ଅଧିକ୍ଷକ୍ ନାରାୟଣ୍ ନାଏକ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ପୁରୀ-ଡିଜିଟାଲ୍ ଲାଇବ୍ରେରୀ ହି.ସ.

ପୁରୀର୍ ନୂଆଁ ରଘୁନନ୍ଦନ୍ ଲାଇବ୍ରେରୀ ଜାଗା ନ ଡିଜିଟାଲ୍ ଲାଇବ୍ରେରୀ ତିଆର୍ କରାଯିବା ବଲି ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ମନ୍ତ୍ରୀ କହିଛନ୍, ଇ ନୂଆଁ ଲାଇବ୍ରେରୀର୍ ନାଁ ଜ୍ଞାନ ଯଜ୍ଞ ମଣ୍ଡପ୍ ରଖାଯିବା । ଲାଇବ୍ରେରୀ ସଙ୍ଗେ ଗୁଟେ ଗବେଷଣା କେନ୍ଦ୍ର ଭିଲ୍ ତିଆର୍

କରାଯିବା । ଶ୍ରୀ ଜଗନ୍ନାଥ୍ ମନ୍ଦିର୍ ପ୍ରଶାସନ୍ ତର୍ଫୁ ଇ ଲାଇବ୍ରେରୀ ନ ଭକ୍ତ ଆଉ ଗବେଷକମାନ୍‌କୁ ଡିଜିଟାଲ୍ ସୁବିଧା ଯୁଗେଇ ଦେବାର୍ ସହେତେ ବିରଳ ମନ୍ଦିର ରେକର୍ଡ୍, ରୀତିନୀତି, ପବିତ୍ର ମାଦଲା ପାଞ୍ଜି, ତାଳପତ୍ର ପାଣ୍ଡୁଲିପି ଆର୍ ଐତିହ୍ୟକେ ସଂରକ୍ଷିତ୍ କରି ରଖାଯିବା । ପୁର୍ନା ବହି ଆର୍ ତଥ୍ୟ ସାଙ୍ଗେ ଭିନ୍ ଭିନ୍ ନଥିପତ୍ରର୍ ଡାଟାବେସ୍ ଭିଲ୍ ତିଆର୍ କରାଯିବା । ଯେନ୍‌ଟାକି ଜଗନ୍ନାଥ୍ ସଂସ୍କୃତି ଗବେଷକମାନ୍‌କର୍ କାମ୍‌ଥି ଆସ୍‌ବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

କାର୍ତିକ ନୀତି -ପୁରୀ ଶ୍ରୀମନ୍ଦିର୍       ପୁରୀ ସମ୍ବାଦଦାତା

ଦଶ୍‌ରା ମାସର୍ ଉଜଲ୍ ପଖର୍ ଏକାଦଶୀ ତିଥି ଅବ୍‌ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ କାର୍ତିକ ନୀତି ମୁଲ୍ ହେଇଛେ । ଇ ଅବ୍‌ସରେ ଶ୍ରୀବିଗ୍ରହମାନ୍‌କର୍ ରାଧାଦାମୋଦର ବେଶ ସାଙ୍ଗେ ବାଲଭୋଗ ନୀତି ହେଇଛେ । ମାହାପୁରୁମାନେ ରାଧାଦାମୋଦର ବେଶ ମାସେତକ୍ ଭକ୍ତମାନ୍‌କୁ ଦର୍ଶନ୍ ଦେବେ । କାର୍ତିକ୍ ମାସର୍ ସବୁ ନୀତିକାନ୍ତି କାର୍ତିକ୍ ପୁନିତକ୍ ଚାଲ୍‌ବା । ମାହାପୁରୁଙ୍କର୍ ରାଧାଦାମୋଦର୍ ବେଶଥି ଆଉ ବାଲଭୋଗ ପାଏବାର୍ ଲାଗି ହବିଷ୍ୟାଲିମାନେ କାର୍ତିକ ବ୍ରତ ପାଲନ୍ କର୍‌ସନ୍ । କାର୍ତିକ୍ ବ୍ରତର୍ ଲାଗି ଶ୍ରୀକ୍ଷେତ୍ର ପୁରୀ ନ

ପ୍ରଶାସନ୍ ତର୍ଫୁ ହବିଷ୍ୟାଳିମାନ୍କର୍ ଲାଗି ସବୁପ୍ରକାରର୍ ସୁବିଧା କରାଯାଇଛେ ।

ମା’ ଦୁର୍ଗା- ବିସର୍ଜନ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ଗାଁ ନୁ ସହର୍‌ତକ୍ ଆଏଜ୍ ଜଗତ୍‌ଜନନୀ ମା’ ଦୁର୍ଗାଙ୍କର୍ ଭସାଣି ଉତ୍ସବ୍ ହେଉଛେ । ମୃଣ୍ମୟୀ ମୂର୍ତିମାନ୍କୁ ଶୋଭାଯାତ୍ରାଥି ନିଆଯାଇକରି ବିସର୍ଜନ୍ କରାଯାଉଛେ । ପାରମ୍ପାରିକ୍ ବାଦ୍ୟ, ଘଂଟ, ଶଙ୍ଖ, ବାଜା ଆର୍ ନାଚ୍ ଗୀତ୍ ଭିତ୍‌ରେ ମାଙ୍କର୍ ଶୋଭାଯାତ୍ରା କରାଯାଉଛେ ।

ଗୋସାଣି ଉତ୍ସବ ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ଗୋସାଣି ଉତ୍ସବ୍ ହେଉଛେ । ସହରେ ପୂଜା ପାଉଥିବା ସବୁ ମୃଣ୍ମୟୀ ମୂର୍ତିମାନ୍କୁ ଆଏଜ୍ ବିସର୍ଜନ୍ କରାଯାଉଛେ । ମା’ ବିମଳାଙ୍କର୍ ପ୍ରତିନିଧି ମା’ କାକୁଡ଼ିଖାଇଙ୍କର୍ ଗଲାକାଏଲ୍ ଦଶ୍‌ରାଥି ପରମ୍ପରା ଅନ୍‌ସାରେ ବିସର୍ଜନ୍ କରାଯାଇଛେ । ଅଲ୍‌ଗା ଗୋସାଣିମାନ୍କୁ ଶ୍ରୀମନ୍ଦିର୍ ସାମ୍ନା ବଡ଼ଦାଣ୍ଡ ନ ପହେଲା ଦେବୀ ସଭାଥି ସାମିଲ୍ କରାଯାଇଥିଲା । ଏକାଦଶୀ

ଅବ୍‌ସରେ ମାହାପୁରୁମାନ୍‌କର୍ ମହାଦୀପ୍ ଉଠ୍‌ବାର୍ ଉତ୍‌ରୁ ଗୋସାଣି ମାନ୍‌କର୍ ବିସର୍ଜନ୍ କରାଯିବା ।

ନୂଆପଡ଼ା-ଲଘୁଚାପ୍ ବର୍ଷା            ନୂଆପଡ଼ା ସମ୍ବାଦଦାତା

ଲଘୁଚାପ୍ ବର୍ଷା ଲାଗି ନୂଆପଡ଼ା ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ବନ୍ୟା ପରିସ୍ଥିତି ଦେଖାଦେଇଛେ । ସୁନ୍ଦର୍ ନଦୀ ସହେତେ ଜିଲ୍ଲାର୍ ଭିନ୍ ଭିନ୍ ନଏଦ୍ ନ ବଏଢ଼୍ ପାଏନ୍ ଯାଉଛେ । ସୁନ୍ଦର୍ ନଦୀ ନ ପଲ୍‌ସଦା ବ୍ରିଜ୍ ଉପ୍‌ରେ ବଏଢ଼୍ ପାଏନ୍ ଯିବାର୍‌ନୁ ଯା'ଆସ୍ ବନ୍ଦ୍ ହେଇଯାଇଛେ । ଜବର୍ ବର୍ଷା ହେବାର୍‌ନୁ ତିଖାଲି ଜଲ୍‌ଭଣ୍ଡାର୍ ନ ୫ ଟା ଗେଟ୍ ଦେଇକରି ବଏଢ଼୍ ପାଏନ୍ ଛଡ଼ାଯାଉଛେ । ଜଡ଼ାମୁଡ଼ା ପ୍ରକଳ୍ପନୁ ଭିଲ୍ ପାଏନ୍ ଛଡ଼ାଯାଉଛେ ।

ବିକଶିତ୍ ଭାରତ୍ ଚିତ୍ରକଳା କର୍ମଶାଳା            I&PR

ଓଡ଼ିଶା ଲଲିତ୍ କଳା ଏକାଡେମୀ ତରଫ୍‌ରୁ ବିକଶିତ୍ ଭାରତ୍ ଚିତ୍ରକଳା କର୍ମଶାଳା ଗଲାକାଏଲ୍ ଭୁବ୍‌ନେଶ୍ୱର୍ କଳିଙ୍ଗ ଆର୍ଟ ଗେଲେରୀ ନ ହେଇଯାଇଛେ । ଇ ଚିତ୍ରକଳା କର୍ମଶାଳାଥି ଶହେ ୧୭ ଝନ୍ ଚିତ୍ରଶିଳ୍ପୀ ଭାଗ୍ ନେଇକରି ନିଜର୍ ବିକଶିତ୍ ଭାରତ୍‌କେ ଚିତ୍ରର୍ ରୂପ୍ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ଓଡ଼ିଆ

ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ୍ ସଚିବ ଡକ୍ଟର୍ ବିଜୟ କେତନ୍ ଉପାଧ୍ୟାୟ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଆଏବା ୯ ତାରିଖ୍ତକ୍ ଇ ଚିତ୍ରମାନେ ପ୍ରଦର୍ଶିତ୍ ହେବା ।

ଦେବେଇପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ଧନ୍କଉଡ଼ା ବ୍ଲକ୍ ଦେବେଇପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର୍ ନୂଆଁ କୋଠାକେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ଉଦ୍ଘାଟନ୍ କରିଛନ୍ । ପୁରୁନା ସ୍ୱାସ୍ଥ୍ୟକେନ୍ଦ୍ରକେ ସମ୍ପ୍ରସାରିତ୍ କରିକରି ଇ ନୂଆଁ ୩ ମହଲା କୋଠା ବନାଯାଇଛେ । ଇଥି ୪୦ ଟା ଶଯ୍ୟା ବ୍ୟବସ୍ଥା କରାଯାଇଛେ ।

ନଗର ଉନ୍ନୟନ୍ ମନ୍ତ୍ରୀ-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନଗର ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଏଜ୍ ଦିନ୍କିଆ ନୂଆପଡ଼ା ଗସ୍ତ କରିଥିଲେ । ଇ ଅବ୍ସରେ ମନ୍ତ୍ରୀ ଶ୍ରୀ ମହାପାତ୍ର ଜିଲ୍ଲାସ୍ତରୀୟ ଅଧିକାରୀମାନ୍କର୍ ସାଙ୍ଗେ ଭିନ୍ ଭିନ୍ କାମ୍ର ସମୀକ୍ଷା କରିଛନ୍ । ଖାସ୍କରି ଜିଲ୍ଲାର୍ ତିନ୍ହି

ବିଞ୍ଜପିଡ୍ ଅଂଚଲ୍ ପରିଷଦ୍ ନ ୨୪ ଘଂଟିଆ ପିଇବାର୍ ପାଏନ୍ ଯୋଗାଣ ବ୍ୟବସ୍ଥାର ତଦାରଖ୍ କରିଛନ୍ । ଖରିଆର୍ ରୋଡ୍ ଏନ୍‌ସିର ନୂଆଁ କାର୍ଯ୍ୟାଳୟ ଲାଗି ସାଢ଼େ ୩ ଶହ କୋଟି ଟଙ୍କା ଦିଆଯାଇଥିବାର୍ ବେଲେ ଆହୁରି ୧ କୋଟି ଟଙ୍କା ଦିଆଯିବା ବଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ । ବୈଠକ୍‌ଥି କଲାହାଣ୍ଡି ସାଂସଦ୍ ମାଳବିକା ଦେବୀଙ୍କର୍ ସହେତେ ପୌର ଆଉ ପ୍ରଶାସନିକ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ନୂଆପଡ଼ା-ଲଘୁଚାପ୍ ବର୍ଷା ନୂଆପଡ଼ା ସମ୍ବାଦଦାତା

ଲଘୁଚାପ୍ ବର୍ଷା ଲାଗି ନୂଆପଡ଼ା ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ବନ୍ୟା ପରିସ୍ଥିତି ଦେଖାଦେଇଛେ । ସୁନ୍ଦର୍ ନଦୀ ସହେତେ ଜିଲ୍ଲାର୍ ଭିନ୍ ଭିନ୍ ନଏଦ୍ ନ ବଏଢ଼୍ ପାଏନ୍ ଯାଉଛେ । ସୁନ୍ଦର୍ ନଦୀ ନ ପଲ୍‌ସଦା ବ୍ରିଜ୍ ଉପ୍‌ରେ ବଏଢ଼୍ ପାଏନ୍ ଯାଉଥିବାର୍‌ନୁ ଯା'ଆସ୍ ବନ୍ଦ୍ ହେଇଯାଇଛେ । ଜବର୍ ବର୍ଷା ହେବାର୍‌ନୁ ତିଖାଲି ଜଲ୍‌ଭଣ୍ଡାର୍ ନ ୫ ଟା ଗେଟ୍ ଦେଇକରି ବଏଢ଼୍ ପାଏନ୍ ଛଡ଼ାଯାଉଛେ । ଜଡ଼ାମୁଡ଼ା ପ୍ରକଳ୍ପନୁ ଭିଲ୍ ପାଏନ୍ ଛଡ଼ାଯାଉଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପସାଗର ନ ହେଇଥିବା ଗଭୀର ଅବପାତ ପାରାଦୀପ୍ ଆର୍ ଗୋପାଲ୍‌ପୁର୍ ହେଇକରି ପାର୍ କରିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଝଁକେର୍ ଲାଗିରହିଛେ । ଖାସ୍ କରି ଦକ୍ଷିଣ ଓଡ଼ିଶା ନ ଜବର୍ ବର୍ଷା ହଉଛେ । ଗଲା ୨୪ ଘଂଟା ଭିତ୍‌ରେ କୋରାପୁଟ୍ ଜିଲ୍ଲା ନ ଜବର୍ ବର୍ଷା ହେବାର୍‌ନୁ ଭିନ୍ ଭିନ୍ ଜାଗା ନ ବନ୍ୟା ପରିସ୍ଥିତି ଦେଖାଦେଇଛେ । ଗଞ୍ଜାମ୍ ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ଭିଲ୍ ଜବର୍ ବର୍ଷା ଲାଗି ବନ୍ୟା ଥିତି ଦେଖାଦେଇଛେ । ଜବର୍ ବର୍ଷା  ଲାଗି ରହିଥିଲେ ଭିଲ୍ ରାଏଜେ ବନ୍ୟା ଡର୍ ନାଇଁନ ବଲି ଜଲ୍‌ସମ୍ପଦ୍ ବିଭାଗ୍ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର୍ ପାଢ଼ୀ କହିଛନ୍ । ସେ କହିଛନ୍, ରାଜ୍ୟର୍ ୮୯ ଟା ବ୍ଲକ୍ ନ ବର୍ଷା ରେକର୍ଡ଼ କରାଯାଇଛେ । ବଂଶଧାରା ନଦୀ ଛଡ଼ା ଅଲ୍‌ଗା କେନ୍‌ସି ନଦୀ ନ ବନ୍ୟା ଡର୍ ନାଇଁ ଦେଖାଦେଇ । ବର୍ଷା ଲାଗି ମହାନଦୀର୍ ଜଲ୍‌ସ୍ତର୍ ବଢୁଛେ, ହେଲେ ସେନ ଭିଲ୍ ବନ୍ୟା ଡର୍ ନାଇଁନ । ଇହାଦେ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୯ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ରେଙ୍ଗାଲି, ଇନ୍ଦ୍ରାବତୀ, କୋଲାବ୍ ଜଲ୍‌ଭଣ୍ଡାର୍ ନ ଜଲ୍‌ସ୍ତର୍ ଥିର୍ ରହିଛେ ବଲି ଶ୍ରୀ ପାଢ଼ୀ କହିଛନ୍ ।